# NATIONAL NEWS BULLETIN (ODIA)

## 01st September - 2024

## Evening Bulletin : 7.15 p.m.

**********************************

ଆକାଶବାଣୀ.....    ସମ୍ବାଦ ପଢୁଛନ୍ତି.....    **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ବିଚାରାଧୀନ ମାମଲାସଂଖ୍ୟା ହ୍ରାସ କରିବାପାଇଁ ଉପାୟ ବାହାର କରିବା ନିମନ୍ତେ ଆହ୍ୱାନ ଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଭାରତ ହେଉଛି ବିଶ୍ୱର ସବୁଠାରୁ ବୃହତ୍ ସୁଯୋଗର ଦେଶ, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।
- ଯେଉଁମାନେ ମାନବିକତାକୁ ଜଘନ୍ୟ ଅପରାଧରେ ଲଜ୍ଜିତ କରନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ, କହିଛନ୍ତି ଉପରାଷ୍ଟ୍ରପତି ।
- ଗୁଜରାଟ ବନ୍ୟାଜନିତ କ୍ଷୟକ୍ଷତିର ଆକଳନ ପାଇଁ ଖୁବ୍ ଶୀଘ୍ର ଗସ୍ତ କରିବ ଆନ୍ତଃରାଜ୍ୟ କେନ୍ଦ୍ରୀୟ ଦଳ ।

ଏବଂ

- ଭାରତୀୟ ବାୟୁସେନାର ଡେପୁଟି ଚିଫ୍ ଅଫ୍ ଏୟାର ଷ୍ଟାଫ୍ ଭାବେ ଦାୟିତ୍ୱ ଗ୍ରହଣ କଲେ ଏୟାର ମାର୍ଶାଲ ତେଜିନ୍ଦର ସିଂହ ।

## ରାଷ୍ଟ୍ରପତି - ନ୍ୟାୟପାଳିକା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ବିଚାରାଧୀନ ମାମଲା ହ୍ରାସ କରିବା ନ୍ୟାୟପାଳିକା ପାଇଁ ଏକ ବଡ଼ ଆହ୍ୱାନ । ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଜିଲ୍ଲା ନ୍ୟାୟପାଳିକାର ଦୁଇଦିନିଆ ଜାତୀୟ ସମ୍ମିଳନୀକୁ ସମ୍ବୋଧିତ କରି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ସମସ୍ତ ଅଂଶୀଦାର ଏକାଠି ହୋଇ ବକେୟା ମାମଲାର ସମାଧାନ ପାଇଁ ଉପାୟ ଖୋଜିବା ଉଚିତ।

ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ତାଙ୍କ ଅଭିଭାଷଣରେ ସୁପ୍ରିମ୍‌କୋର୍ଟ ୭୫ ବର୍ଷର ଯାତ୍ରାକୁ ପୂରା କରିଥିବାରୁ ଗର୍ବ ବୋଲି କହିଛନ୍ତି। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ନାଗରିକମାନଙ୍କ ପାଇଁ ନ୍ୟାୟିକ ବ୍ୟବସ୍ଥାର ଏକ ଉତ୍ତମ ବ୍ୟବସ୍ଥା ଉପଲବ୍ଧ ହେବା ଉଚିତ, ଯାହାଦ୍ୱାରା ସେମାନେ ସେମାନଙ୍କର ବ୍ୟକ୍ତିଗତ ଏବଂ ସାମୂହିକ ସାମର୍ଥ୍ୟକୁ ରାଷ୍ଟ୍ର ନିର୍ମାଣରେ ନିୟୋଜିତ କରିପାରିବେ ବୋଲି ସେ କହିଥିଲେ ।

ଏହି ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, ବକେୟା ମାମଲା ହ୍ରାସ ସଂକ୍ରାନ୍ତ କମିଟି ମାମଲା ପରିଚାଳନା ଜରିଆରେ ବିଚାରାଧୀନ ମାମଲାକୁ ହ୍ରାସ କରିବା ପାଇଁ ଏକ ଆକ୍ସନ ପ୍ଲାନ୍

ପ୍ରସ୍ତୁତ କରିଛି। ସେ ଆହୁରି ମଧ୍ୟ କହିଛନ୍ତି, ବିଚାରାଧୀନ ମାମଲାର ସମାଧାନପାଇଁ ଅନ୍ୟ କେତେକ ରଣନୀତି ମଧ୍ୟରେ ପ୍ରାକ୍-ମାମଲା ବିବାଦ ସମାଧାନ ଅନ୍ତର୍ଭୁକ୍ତ । ପ୍ରଧାନ ବିଚାରପତି କହିଛନ୍ତି, ସୁପ୍ରିମ୍‌କୋର୍ଟ ନିକଟରେ ତାଙ୍କର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶେଷ କରିଛନ୍ତି, ଯେଉଁଥିରେ ପାଞ୍ଚଟି କାର୍ଯ୍ୟଦିବସ ମଧ୍ୟରେ ପ୍ରାୟ ଏକ ହଜାର ମାମଲାର ଆପୋଷ ସମାଧାନ ହୋଇଛି। ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଲ୍ଲା ନ୍ୟାୟପାଳିକାର ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ।

## ପି.ଏମ୍. - ୱାର୍ଲଡ୍ ଲିଡର୍ସ ଫୋରମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତକୁ ବିଶ୍ୱର ସବୁଠାରୁ ବଡ଼ ସୁଯୋଗର ଭୂମି ଭାବରେ ଉପସ୍ଥାପନ କରିଛନ୍ତି ଏବଂ ବ୍ୟବସାୟ କ୍ଷେତ୍ରର ସୁବିଧା, ସଂସ୍କାର, ଏକ ସ୍ଥିର ନୀତି ଏବଂ ଉଚ୍ଚ ଅଭିବୃଦ୍ଧି ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଇଟି ୱାର୍ଲ୍ଡ ଲିଡର୍ସ ଫୋରମକୁ ସମ୍ବୋଧିତ କରି ଶ୍ରୀ ମୋଦୀ ନିବେଶକମାନଙ୍କୁ ଉଦ୍ଭାବନ, କାର୍ଯ୍ୟଦକ୍ଷତା ଏବଂ ଉଚ୍ଚ ଗୁଣବତ୍ତା ଉତ୍ପାଦ ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ କହିଛନ୍ତି। ସେ କହିଛନ୍ତି, ତାଙ୍କ ସରକାର ଅଧିକ ଦୃଢ଼ ଉଦ୍ଦେଶ୍ୟ ନେଇ ତୃତୀୟ କାର୍ଯ୍ୟକାଳ ଆରମ୍ଭ କରିଛି ଏବଂ ଆଶା ଓ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ରହିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଚଳିତ ବର୍ଷ ନିର୍ବାଚନ ହୋଇଥିବା ଅଧିକାଂଶ ଦେଶର ଲୋକମାନେ ପରିବର୍ତ୍ତନ ସପକ୍ଷରେ

ମତ ଦେଇଥିବା ବେଳେ ଭାରତୀୟମାନେ ନିରନ୍ତରତା, ରାଜନୈତିକ ସ୍ଥିରତା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ପସନ୍ଦ କରିଛନ୍ତି। ଏକ ନୂତନ ନବ-ମଧ୍ୟବିତ୍ତ ଶ୍ରେଣୀ ଦେଶର ପ୍ରଗତିକୁ ଆଗକୁ ବଢ଼ାଉଛି ଏବଂ ଏହାର ବଜାର ପାଇଁ ଦିଗ ନିର୍ଦ୍ଧାରଣ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ସେ କହିଛନ୍ତି, ଭାରତ ଏକ ଅନନ୍ୟ ସଫଳତାର କାହାଣୀ ଲେଖୁଛି ଏବଂ ଏହାର ସଂସ୍କାରର ପ୍ରଭାବ ଅର୍ଥନୀତିର ପ୍ରଦର୍ଶନରେ ଦୃଶ୍ୟମାନ ହେଉଛି । ସବୁଜ ହାଇଡ୍ରୋଜେନ, ସେମିକଣ୍ଡକ୍ଟର, ଗଭୀର ମହାସାଗର ଏବଂ ମହାକାଶ କ୍ଷେତ୍ରରେ ତାଙ୍କ ସରକାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ଭାରତକୁ ଅପେକ୍ଷା କରିଥିବା ଆହ୍ୱାନ ଏବଂ ସୁଯୋଗ ପାଇଁ ଦେଶକୁ ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି। ଦେଶକୁ ବିଶ୍ୱ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ରରେ ପରିଣତ କରିବା ପାଇଁ ତାଙ୍କ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ସରକାର ୧ ଲକ୍ଷ ମେଡିକାଲ ଆସନ ସୃଷ୍ଟି କରିଛନ୍ତି ଏବଂ ଆଗାମୀ ୫ ବର୍ଷରେ ଆହୁରି ୭୫ ହଜାରରୁ ଅଧିକ ଆସନ ସୃଷ୍ଟି କରାଯିବ ବୋଲି ସେ କହିଛନ୍ତି।

## ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍

ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଆଜି ସପ୍ତମ ପ୍ରତିଷ୍ଠା ଦିବସ ଅବସରରେ ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏହାର ସରଳ ଓ

ସୁଲଭ ସେବା ମାଧ୍ୟମରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଲକ୍ଷ୍ୟ ପୂରଣ କରିବାରେ ବ୍ୟାଙ୍କର ଭୂମିକା ଉପରେ ଆଲୋକପାତ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିନ୍ଧିଆ କହିଛନ୍ତି, ଏହି ପଦକ୍ଷେପ ଆରମ୍ଭ ହେବା ପରଠାରୁ ପ୍ରାୟ ୯ କୋଟି ୮୮ ଲକ୍ଷ ଭାରତୀୟଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି। ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଏହା ଜରିଆରେ ୪୫ ହଜାର କୋଟି ଟଙ୍କାର ଆର୍ଥିକ ଲାଭ ପ୍ରଦାନ କରାଯାଇଛି। ଶ୍ରୀ ସିନ୍ଧିଆ ଅନୁଷ୍ଠାନ ସହ ଜଡିତ ସହକର୍ମୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଦେଶର ପ୍ରତ୍ୟେକ ଗାଁ ଓ ଘରେ ବ୍ୟାଙ୍କିଙ୍ଗ ୍ ସୁବିଧା ପହଞ୍ଚାଇବା ପାଇଁ ସଂଗଠନର କଠିନ ପରିଶ୍ରମ ଓ ପ୍ରୟାସ ଉପରେ ସେ ଆସ୍ଥା ପ୍ରକଟ କରିଛନ୍ତି ।

## ଭି.ପି. - କୋଲ୍‌କାତା ଦୁଷ୍କର୍ମ ମାମଲା

କୋଲକାତାର ଜଣେ ମହିଳା ଡାକ୍ତରଙ୍କ ସହ ଘଟିଥିବା ଘଟଣାକୁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ନିନ୍ଦା କରିଛନ୍ତି। ଏଭଳି ଅପରାଧରେ ସମ୍ପୃକ୍ତ ଦୋଷୀମାନଙ୍କୁ ଦଣ୍ଡଦେବା ପାଇଁ ଏକ ବ୍ୟବସ୍ଥା ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଉତ୍ତରାଖଣ୍ଡର ଋଷିକେଶ ଏମ୍ସର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କୁ ସମ୍ବୋଧିତ କରି ଶ୍ରୀ ଧନଖଡ଼ କହିଛନ୍ତି, ଯେଉଁମାନେ ମାନବିକତାକୁ ଏଭଳି ଜଘନ୍ୟ ଅପରାଧରେ ଲଜ୍ଜିତ କରନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଗ୍ରହଣ କରାଯିବା ଉଚିତ। ଡାକ୍ତର, ନର୍ସ, କମ୍ପାଉଣ୍ଡର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି ।

ଦୁଇ ଦିନିଆ ଗସ୍ତର ଶେଷ ଦିନରେ ଆଜି ଉପରାଷ୍ଟ୍ରପତି ଡେରାଡୁନସ୍ଥିତ ରାଷ୍ଟ୍ରୀୟ ଇଣ୍ଡିଆନ ମିଲିଟାରୀ କଲେଜର କ୍ୟାଡେଟମାନଙ୍କୁ ସମ୍ବୋଧିତ କରିଥିଲେ। ସାମରିକ ବିଦ୍ୟାଳୟରେ ଝିଅମାନଙ୍କୁ ନାମ ଲେଖାଇବା ନିଷ୍ପତ୍ତିକୁ ସେ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ସାମରିକ ବିଦ୍ୟାଳୟରେ ଝିଅମାନଙ୍କ ନାମଲେଖା ଲିଙ୍ଗଗତ ସମାନତା ଏବଂ ଲିଙ୍ଗଗତ ନ୍ୟାୟ ପାଇଁ ନିଆଯାଇଥିବା ଉଲ୍ଲେଖନୀୟ ସକାରାତ୍ମକ ପଦକ୍ଷେପକୁ ପ୍ରତିଫଳିତ କରୁଛି । ଦେଶର ସ୍ୱାର୍ଥକୁ ସବୁ ପରିସ୍ଥିତିରୁ ଉର୍ଦ୍ଧ୍ୱରେ ରଖିବା ଉପରେ ଗୁରୁତ୍ୱାରୋପ କରି ଉପରାଷ୍ଟ୍ରପତି ଆର.ଆଇ.ଏମ୍.ସି. କ୍ୟାଡେଟମାନଙ୍କୁ ଗର୍ବ ଓ ନିର୍ଭୀକତାର ସହ ଦେଶ ସେବା କରିବାକୁ ଆହ୍ୱାନ ଦେଇଥିଲେ। ଏହା ପୂର୍ବରୁ ଉପରାଷ୍ଟ୍ରପତି କଲେଜ ପରିସରରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସେ ସମସ୍ତ କ୍ୟାଡେଟମାନଙ୍କୁ ଚାରା ରୋପଣ କରି ‘ଏକ ପେଡ୍ ମା କେ ନାମ’ ଅଭିଯାନରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ।

## ଗୁଜରାଟ ବନ୍ୟା

ଗୁଜରାଟରେ ବର୍ଷା ଓ ବନ୍ୟା ଜନିତ କ୍ଷୟକ୍ଷତି ଆକଳନ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ

ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ଆନ୍ତଃ-ମନ୍ତ୍ରଣାଳୟ କେନ୍ଦ୍ରୀୟ ଦଳ ଗଠନ କରିଛି। ଆନ୍ତଃରାଜ୍ୟ କେନ୍ଦ୍ରୀୟ ଟିମ୍ ଖୁବଶୀଘ୍ର ରାଜ୍ୟର ବନ୍ୟା ପ୍ରଭାବିତ ଜିଲ୍ଲା ଗସ୍ତ କରିବ।

ଅଗଷ୍ଟ ୨୫ରୁ ୩୦ ତାରିଖ ମଧ୍ୟରେ ରାଜସ୍ଥାନ ଓ ଗୁଜରାଟରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଯୋଗୁଁ ଗୁଜରାଟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିଲା। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ବର୍ଷକ ମଧ୍ୟରେ ହିମାଚଳ ପ୍ରଦେଶ ମଧ୍ୟ ବିଭିନ୍ନ ସମୟରେ ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ଦ୍ୱାରା ପ୍ରଭାବିତ ହୋଇଛି । ଏକ ବିବୃତିରେ ଗୃହ ମନ୍ତ୍ରଣାଳୟ କହିଛି, ଏହି ରାଜ୍ୟଗୁଡ଼ିକର ବରିଷ୍ଠ ଅଧିକାରୀଙ୍କ ସହ ଯୋଗାଯୋଗରେ ଅଛି ଏବଂ ଯଦି ସେମାନେ ଗୁରୁତର କ୍ଷୟକ୍ଷତି ବିଷୟରେ ସୂଚନା ଦିଅନ୍ତି, ତେବେ ସେଠାରେ ମଧ୍ୟ ଆନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ ନିୟୋଜିତ କରାଯିବ। ଏଥିରେ କୁହାଯାଇଛି ଯେ ପ୍ରଭାବିତ ରାଜ୍ୟଗୁଡ଼ିକୁ ସମସ୍ତ ସମ୍ଭବ ସହାୟତା ଯୋଗାଇ ଦେବାକୁ କେନ୍ଦ୍ର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।

ଚଳିତ ବର୍ଷ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଇଏମସିଟି ଗଠନ କରିଛି ଯେଉଁମାନେ ବନ୍ୟା ଓ ଭୂସ୍ଖଳନ ପ୍ରଭାବିତ ରାଜ୍ୟ ଆସାମ, କେରଳ, ମିଜୋରାମ ଏବଂ ତ୍ରିପୁରା ଗସ୍ତ କରି କ୍ଷୟକ୍ଷତିର ଆକଳନ ପାଇଁ ଆଗୁଆ ପରିଦର୍ଶନ କରିଛନ୍ତି। ନାଗାଲାଣ୍ଡ ପାଇଁ କମିଟି ମଧ୍ୟ ଗଠନ କରାଯାଇଛି, ଯାହା ଖୁବଶୀଘ୍ର ରାଜ୍ୟର ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବ ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଲାଇଭ୍ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍'ରେ ଆମେ 'ଭେକ୍ଟରବାହିତ ରୋଗର ଲକ୍ଷଣ, ପ୍ରତିରୋଧ ଓ ନିରାକରଣ' ଶୀର୍ଷକ ଆଲୋଚନା ଆସନ୍ତାକାଲି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ । ଏହି କାର୍ଯ୍ୟକ୍ରମରେ ନ୍ୟାସନାଲ ସେଣ୍ଟର ଫର ଭେକ୍ଟର ବର୍ଣ୍ଣ ଡିଜିଜ୍ କଣ୍ଟ୍ରୋଲର ନିର୍ଦ୍ଦେଶକ ଡ. ତନୁ ଜୈନ ଏବଂ ଏମ୍ସର କମ୍ୟୁନିଟି ମେଡିସିନ୍ ପ୍ରଫେସର ଡାକ୍ତର ପୁନୀତ ମିଶ୍ର ଯୋଗଦେଇ ଶ୍ରୋତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ ।

ଏହି କାର୍ଯ୍ୟକ୍ରମ ରେ ଶ୍ରୋତାମାନେ ଭେକ୍ଟର ବାହିତ ରୋଗ କିପରି ସଂକ୍ରମିତ ହୁଏ, ସୁରକ୍ଷିତ ରହିବାର ଉପାୟ, ଏହାର ଲକ୍ଷଣ ଏବଂ ଆରୋଗ୍ୟ ସମ୍ବନ୍ଧୀୟ ପ୍ରଶ୍ନ ବିଶେଷଜ୍ଞମାନଙ୍କୁ ପଚାରି ପାରିବେ ।

ଏଥିରେ ଅଂଶଗ୍ରହଣ କରିବା ପାଇଁ ଆସନ୍ତାକାଲି ରାତି ସାଢ଼େ ୯ଟାରୁ ଟେଲିଫୋନ୍ ନମ୍ବର ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ଡାଏଲ୍ କରିପାରିବେ । ହ୍ୱାଟ୍ସଆପ୍ ମାଧ୍ୟମରେ ୯୨୮୯୦୯୪୦୪୪ ନମ୍ବରକୁ ଶ୍ରୋତାମାନେ ପ୍ରଶ୍ନ ପଠାଇପାରିବେ କିମ୍ବା ହ୍ୟାସଟ୍ୟାଗ୍ ଆସ୍କ ଏୟାର ଜରିଆରେ ପ୍ରଶ୍ନ ପୋଷ୍ଟ କରିପାରିବେ।

## ବାୟୁସେନା ମୁଖ୍ୟ

ଭାରତୀୟ ବାୟୁସେନାର ଡେପୁଟି ଚିଫ୍ ଅଫ୍ ଏୟାର ଷ୍ଟାଫ୍ ଭାବେ ଏୟାର ମାର୍ଶାଲ ତେଜିନ୍ଦର ସିଂହ ଆଜି ନୂଆଦିଲ୍ଲୀରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂଆ ନିଯୁକ୍ତି ପାଇବା ପରେ ସେ ଜାତୀୟ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରି ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏୟାର ମାର୍ଶାଲ ତେଜିନ୍ଦର ଜାତୀୟ ପ୍ରତିରକ୍ଷା ଏକାଡେମୀର ପୂର୍ବତନ ଛାତ୍ର ଏବଂ ୧୯୮୭ ଜୁନ ୧୩ରେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିଲେ। ସେ ୪୫୦୦ ଘଣ୍ଟାରୁ ଅଧିକ ସମୟ ଉଡ଼ାଣ ସହ 'ଏ' ଶ୍ରେଣୀର ଉଡ଼ାଣ ପ୍ରଶିକ୍ଷକ ଅଟନ୍ତି। ସେ ଏକ ଫାଇଟର ସ୍କ୍ୱାର୍ଡନ, ରାଡାର ଷ୍ଟେସନ, ଏବଂ ପ୍ରମୁଖ ଲଢୁଆ ଘାଟିର ନେତୃତ୍ୱ ନେଇଛନ୍ତି ଓ ସେ ଜମ୍ମୁ-କଶ୍ମୀରରେ ଏୟାର ଅଫିସର କମାଣ୍ଡିଂ ଥିଲେ। ତାଙ୍କୁ ୨୦୦୭ରେ ବାୟୁ ସେନା ପଦକ ଏବଂ ୨୦୨୨ରେ ଅତି ବିଶିଷ୍ଟ ସେବା ପଦକ ପ୍ରଦାନ କରାଯାଇଥିଲା।

*****